- ମୁଲ୍ୟବାନ ଜିନିଷ, ଜମିବାଡି, କାଗଜପତ୍ର, ଭୋଟରକାର୍ଡ, ଆଧାର କାର୍ଡ, ପିଲାଙ୍କ ସାର୍ଟିଫିକେଟ ଇତ୍ୟାଦି ପଲିଥିନ ବା ଜରିରେ ଗୁଡାଇ ରଖନ୍ତୁ ।

୪- ପାରିବାରିକ ବିପର୍ଯ୍ୟୟ ପରିଚାଳନା ଯୋଜନା ଓ ଜରୁରୀକାଳିନ କିଟକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରନ୍ତୁ :-

- ବିଦ୍ୟୁତ ଚାଳିତ ଉପକରଣ ଓ ତାରଯୁକ୍ତ ଟେଲିଫୋନ ବ୍ୟବହାର କରନ୍ତୁ ନାହିଁ ।
- ଗୃହପାଳିତ ପଶୁଙ୍କୁ ବାହାରେ ନ ଛାଡି ଗୁହାଳ/ଘର ଭିତରେ ରଖନ୍ତୁ ।
- ଗୃହପାଳିତ ପଶୁଙ୍କୁ କୌଣସି ଧାତୁଯୁକ୍ତ ପଦାର୍ଥ ଯଥା ଲୁହାଶିକୁଳି ଦ୍ୱାରା ବାନ୍ଧି ରଖନ୍ତୁ ନାହିଁ ।

## ୫.୩ ଗୋଷ୍ଠୀ ସ୍ତରରେ ପ୍ରସ୍ତୁତି

ଗାଁ ରେ ହେଉଥିବା ବିପର୍ଯ୍ୟୟ କୁ ଯେପରି ଗାଁ ର ଲୋକମାନେ ପରିଚାଳନା କରିପାରିବେ, ବିପର୍ଯ୍ୟୟ ଦ୍ୱାରା ହେଉଥିବା କ୍ଷତି ମାତ୍ରା କମିପାରିବ, ବିପର୍ଯ୍ୟୟ ସମୟରେ ବୃଦ୍ଧ, ବୃଦ୍ଧା, ଶିଶୁ, ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗ ମାନେ କିପରି ସୁରକ୍ଷିତ ସ୍ଥାନରେ ପହଞ୍ଚି ପାରିବେ ସମସ୍ତଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ମିଳିପାରିବ ଏହି ସବୁ ଘଟଣାକୁ ଆଗରେ ରଖି ଏହି ଯୋଜନାଟିକୁ ପ୍ରସ୍ତୁତ କରାଯାଇଛି । ବିଶେଷକରି ବନ୍ୟା ଅଞ୍ଚଳରେ ବସବାସ କରି ପୀଡିତ ହେଉଥିବା ଲୋକମାନେ କିଭଳି ଭାବରେ ଉପକୃତ ହେବେ ସେ ନେଇ ଏହି ଯୋଜନାଟି ପ୍ରସ୍ତୁତ ହୋଇଛି ।

## ୫.୪ ଗୋଷ୍ଠୀ ସଦସ୍ୟ/ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ମଧ୍ୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ବଣ୍ଟନ

| କ୍ର.ସଂ | ନିର୍ଦ୍ଦିଷ୍ଟ ସମସ୍ୟା/କାର୍ଯ୍ୟ ସମ୍ବନ୍ଧୀୟ | ଭି.ଡି.ଏମ.ସି/ଗୋଷ୍ଠୀ ସଦସ୍ୟଙ୍କ ଦାୟିତ୍ୱ | ମନ୍ତବ୍ୟ |
|---|---|---|---|
| ୧ | ରିଲିଫ ଏବଂ ସହାୟତା ପ୍ରଦାନରେ ପଞ୍ଚାୟତ/ବ୍ଲକ/ଜିଲ୍ଲା ପ୍ରଶାସନ ସହିତ ସମନ୍ବୟ | | ଭି.ଡି.ଏମ.ସି ଏବଂ ଡି.ଏମ.ଟି ସଦସ୍ୟମାନେ |
| ୨ | ଆଶ୍ରୟସ୍ଥଳୀ ଆୟୋଜନ/ନିରୀକ୍ଷଣ | | ଭି.ଡି.ଏମ.ସି ଏବଂ ଡି.ଏମ.ଟି ସଦସ୍ୟମାନେ |
| ୩ | ଗର୍ଭବତୀ ମହିଳା ଏବଂ ପ୍ରସୂତୀ ମା' ଏବଂ କିଶୋରୀ ବାଳିକା | | ଆଶା/ଅଙ୍ଗନବାଡ଼ି କର୍ମୀ/ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା |
| ୪ | ଶିଶୁ ମାନଙ୍କର ସୁରକ୍ଷା ଏବଂ ନିରାପତ୍ତା | | ଚୟନ ଅଙ୍ଗନବାଡ଼ି କର୍ମୀ/ମହିଳା ସ୍ୱେଚ୍ଛାସେବୀ |
| ୫ | ଭିନ୍ନକ୍ଷମ,ବୟସ୍କ ଏବଂ ରୁଗ୍ଣ | | ଆଶା ସ୍ୱେଚ୍ଛାସେବୀ |

## ୫.୫ ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି

| କ୍ର.ସଂ | ତାଲିମ୍ | ବିଷୟ | ସମାପ୍ତ ସମୟ (ମାସ) | ତାଲିମଦାତାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|
| ୧ | ଭି.ଡି.ଏମ.ସି ସଦସ୍ୟମାନଙ୍କୁ ଗୋଟିଏ ଦିନର ତାଲିମ୍ | ଭି.ଡି.ଏମ.ସି ସଦସ୍ୟମାନଙ୍କୁ ବିପର୍ଯ୍ୟୟରୁ ଜୀବନ ରକ୍ଷା ଏବଂ ଭୂମିକା ଏବଂ ଦାୟିତ୍ୱ | ମାର୍ଚ୍ଚ-ମଇ | ବିକାଶ | |
| ୨ | ଡି.ଏମ.ଟି ସଦସ୍ୟମାନଙ୍କୁ ଗୋଟିଏ ଦିନର ତାଲିମ | ଡି.ଏମ.ଟି ସଦସ୍ୟମାନଙ୍କୁ ବିପର୍ଯ୍ୟୟରୁ ଜୀବନ ରକ୍ଷା ଏବଂ ଭୂମିକା ଏବଂ ଦାୟିତ୍ୱ | ମାର୍ଚ୍ଚ-ମଇ | ବିକାଶ | |
| ୩ | ଅନ୍ୟାନ୍ୟ | ବିଷୟ | | | |

## ୫.୬ ସଚେତନତା ସୃଷ୍ଟି ନିମନ୍ତେ କାର୍ଯ୍ୟକଳାପ

| କ୍ର.ସଂ | ବିଷୟ | ଅଂଶଗ୍ରହଣକାରୀ | ପ୍ରଦାନକାରୀ | ମାସ |
|---|---|---|---|---|
| ୧ | ଅଂଶୁଘାତ | ଗ୍ରାମବାସୀ | | ଫେବୃୟାରୀ |
| ୨ | ବାତ୍ୟା/ବନ୍ୟା ରୁ ସୁରକ୍ଷା | ଗୋଷ୍ଠୀସ୍ତରୀୟ ସଦସ୍ୟ | ଡି.ଏମ.ଟି ସଦସ୍ୟ | ମାର୍ଚ୍ଚ |
| ୩ | ବଜ୍ରପାତ | ଗ୍ରାମବାସୀ | ଡି.ଏମ.ଟି | ଏପ୍ରିଲ୍ |
| ୪ | ସାପ କାମୁଡ଼ା | | ଆଶା/ଡି.ଏମ.ଟି ସଦସ୍ୟ | ମଇ |
| ୫ | ପରିଷ୍କାର ଏବଂ ପରିମଳ | | ଆଶା/ଅଙ୍ଗନବାଡ଼ି କର୍ମୀ | ଜୁନ୍ |
| ୬ | ବୁଡ଼ିମାରିବାରୁ ରକ୍ଷା | | | ଅକ୍ଟୋବର |
| ୭ | ସୁନାମୀ (ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମ) | | | ନଭେମ୍ବର |
| ୮ | ଏପିଡେମିକ/ମହାମାରୀ | | ଆଶା/ଅଙ୍ଗନବାଡ଼ି କର୍ମୀ | ନଭେମ୍ବର |
| ୯ | ଅନ୍ୟାନ୍ୟ | | | |

## ୫.୭ ଗ୍ରାମ ସ୍ତରରେ ମକ ଡ୍ରିଲ ପରିଚାଳନା

| କ୍ର.ସଂ | ବିପର୍ଯ୍ୟୟ | ମାସ | ଅଂଶଗ୍ରହଣକାରୀ | ପ୍ରଦାନକାରୀ |
|---|---|---|---|---|
| ୧ | ବାତ୍ୟା/ବନ୍ୟା | ଜୁନ | ଗ୍ରାମବାସୀ | ଫେବୃୟାରୀ |
| ୨ | | | | |

## ପରିଚ୍ଛେଦ-୬

# ପ୍ରତିକ୍ରିୟା ଯୋଜନା

## ୬.୧ ପ୍ରତିକ୍ରିୟା ଯୋଜନା ବିଷୟରେ ଲେଖ |

ବିପର୍ଯ୍ୟୟ କ୍ଷୟକ୍ଷତିର ଭୟକୁ ବୁଝି ଗ୍ରାମରେ ବିପର୍ଯ୍ୟୟ ସମୟରେ ସ୍ଥାନାନ୍ତରଣ ପାଇଁ ବୟସ୍କ, ମହିଳା ଏବଂ ଶିଶୁମାନେ ବ୍ୟବହାର କରିପାରୁଥିବା ସର୍ବନିମ୍ନ ବିପତ୍ତି ଓ ବାଧା ଥିବା ନିରାପଦ ରାସ୍ତା ଚିହ୍ନଟ ବିପର୍ଯ୍ୟୟ ପ୍ରଶମନ ପାଇଁ ନଦୀବନ୍ଧ ଯୋଜନା,ପାନୀୟ ଜଳର ସୁବିଧା,ଗ୍ରାମ ରାସ୍ତାର ଉନ୍ନତି କାରଣ,ପକ୍କା ଘର,କେନାଲ ଦ୍ୱାରା ସଠିକ ଭାବେ ଜଳ ପରିଚାଳନା ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନ କରାଯାଇପାରିବ। ସରକାରଙ୍କ ବିପର୍ଯ୍ୟୟ ହ୍ରାସ କାର୍ଯ୍ୟକ୍ରମକୁ ମଜବୁତ କରିବା । ବିପର୍ଯ୍ୟୟ ହ୍ରାସ ନିମନ୍ତେ ଓ ଏହାର କ୍ଷୟକ୍ଷତିର ନମନୀୟତା ପାଇଁ ଅଧିକ ଅର୍ଥ ବରାଦ କରିବା । ବିପର୍ଯ୍ୟୟ ମୁକାବିଲା କରିବା ପାଇଁ ବିପର୍ଯ୍ୟୟ ପ୍ରସ୍ତୁତି ଯେପରିକି ଭଲ ପୁନଃବାସ, ଥଇଥାନ ଓ ପୁନଃଗଠନ ଉପରେ ଗୁରୁତ୍ୱ ଆରୋପ କରିବା ।

## ୬.୨ ବିପର୍ଯ୍ୟୟ ସମୟରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ସମିତି (ଭି.ଡି.ଏମ.ସି) ର ଭୂମିକା

| କ୍ର.ସଂ | ସଦସ୍ୟଙ୍କ ନାମ | ପଦବୀ | ନିର୍ଦ୍ଦିଷ୍ଟ କାର୍ଯ୍ୟ ଦାୟିତ୍ୱ | ଠିକଣା ଏବଂ ଟେଲିଫୋନ ନମ୍ବର |
|---|---|---|---|---|
| ୧ | ଭକ୍ତି ଅମାନତ୍ୟ | ସଭାପତି | ସମସ୍ତ କାର୍ଯ୍ୟ ତଦାରଖ କରିବା | 9861847136 |
| ୨ | ରଞ୍ଜନା ସାଗରିଆ | ସମ୍ପାଦିକା | ସମସ୍ତ ନଥିପତ୍ର ଏବଂ ତଥ୍ୟ ଗୁଡ଼ିକୁ ସଂରକ୍ଷିତ କରି ରଖିବା | 6372785451 |
| ୩ | ତିଳତ୍ତମା ସ୍ୱାଇଁ | ସଦସ୍ୟ | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | 9348542205 |
| ୪ | ଜାମ୍ବବତୀ ଗୌଡ଼ | ସଦସ୍ୟା | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | 8280422356 |
| ୫ | କ୍ଷୀରମଣି ଅମନତ୍ୟ | ସଦସ୍ୟ | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୬୩୭୨୭୩୩୬୭୦ |
| ୬ | ହିରନ୍ୟା ଅମନତ୍ୟ | ସଦସ୍ୟା | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୮୯୨୬୩୩୦୧୫୮ |
| ୭ | ସୁର୍ଯ୍ୟା ଅମନତ୍ୟ | ସଦସ୍ୟ | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୬୩୭୦୯୯୯୨୬୨ |
| ୮ | ଚିତ୍ତୁ ଅମନତ୍ୟ | ସଦସ୍ୟ | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୬୩୦୩୧୧୩୯୫୧ |
| ୯ | ସବିତା ଅମନତ୍ୟ | ସଦସ୍ୟା | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୯୮୨୭୭୯୪୫୮୬ |
| ୧୦ | ବିମଳ ଅମନତ୍ୟ | ସଦସ୍ୟ | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୬୩୭୨୦୮୭୧୫୮ |
| ୧୧ | ସୁରେନ୍ଦ୍ର ହରିଜନ | ସଦସ୍ୟ | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୮୦୮୮୪୮୬୩୪୯ |
| ୧୨ | ସମିର ପୁଜାରୀ | ସଦସ୍ୟ | ବିପର୍ଯ୍ୟୟ ସମୟରେ ଗ୍ରାମବାସୀମାନଂକୁ ସହାୟତା କରିବା | ୭୮୫୪୦୨୩୮୧୬ |

## ୬.୩ ବିପର୍ଯ୍ୟୟ ପ୍ରସ୍ତୁତି,ପ୍ରଶମନ ଓ ମୁକାବିଲା କ୍ଷେତ୍ରରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ସମିତି ଭୂମିକା ଏବଂ ଦାୟିତ୍ୱ

| ମାସ | କାର୍ଯ୍ୟକ୍ରମ | ଆବଶ୍ୟକ ଉପକରଣ |
|---|---|---|
| ଜାନୁଆରୀ | ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା | ସଚେତନତା ଶିବିର |
| ଫେବୃୟାରୀ | ପରିମଳ ଓ ସ୍ୱାସ୍ଥ୍ୟ ରକ୍ଷା | ସଚେତନତା ଶିବିର |
| ମାର୍ଚ୍ଚ | ପ୍ରାଥମିକ ସହାୟତା | ତାଲିମ ଉପକରଣ |
| ଏପ୍ରିଲ୍ | ନାହିଁ | ତାଲିମ ଉପକରଣ |
| ମଇ | ନାହିଁ | ତାଲିମ ଉପକରଣ |
| ଜୁନ | ନାହିଁ | ସଚେତନତା ଶିବିର |
| ଜୁଲାଇ | ବନ୍ୟା ମୁକାବିଲା | ମକଡ୍ରିଲ |
| ଅଗଷ୍ଟ | ବନ୍ୟା ମୁକାବିଲା | ମକଡ୍ରିଲ |
| ସେପ୍ଟେମ୍ବର | | |
| ଅକ୍ଟୋବର | | |
| ନଭେମ୍ବର | | |
| ଡିସେମ୍ବର | | |

## ୬.୪ ବିପର୍ଯ୍ୟୟ ପରିଚାଳନା ଦଳର ବିବରଣୀ

### ୬.୪.୧ ଆଗୁଆ ସୂଚନା ପ୍ରଦାନକାରୀ ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ପୁର୍ଣ୍ଣ ଅମନତ୍ୟ | ପୁରୁଷ | ୪୫ | ୭୮୪୭୦୦୧୬୮୦ |
| ୨ | ହେମା ହରିଜନ | ମହିଳା | ୪୨ | ୯୮୨୭୮୯୫୬୫୧ |
| ୩ | ପାର୍ବତୀ ହରିଜନ | ମହିଳା | ୩୯ | ୬୩୭୦୦୬୯୫୬୩ |
| ୪ | କୃପା ଅମନତ୍ୟ | ପୁରୁଷ | ୩୬ | ୭୩୨୭୮୧୯୫୩୫ |
| ୫ | ହିରା ଅମନତ୍ୟ | ପୁରୁଷ | ୪୧ | ୯୪୪୦୬୫୭୬୮୧ |

**ଆଗୁଆ ସୂଚନା ପ୍ରଦାନକାରୀ ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ପାଣିପାଗ ସମ୍ବନ୍ଧୀୟ ଆଗୁଆ ସୂଚନା ସମ୍ପର୍କରେ ଟି.ଭି.,ରେଡ଼ିଓ, ଭାରତ ଏବଂ ଓଡିଶା ସରକାରଙ୍କ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ଅବଗତ ରହିବା \|<br>• ପରିବହନ ଏବଂ ଯୋଗାଯୋଗ ମାଧ୍ୟମ ଯଥା - ସାଇକେଲ,ମୋଟର ଯାନ,ଡଙ୍ଗା,ମେଗାଫୋନ,ଘଣ୍ଟା ଏବଂ ଅନ୍ୟାନ୍ୟ ଯୋଗାଯୋଗ ସାମଗ୍ରୀ ର ନିୟମିତ ବ୍ୟବଧାନରେ ଯାଞ୍ଚ କରିବା \|<br>• ସ୍ଥାନୀୟ ସରକାରୀ ଏବଂ ବେସରକାରୀ ସଂସ୍ଥାର ଠିକଣା ଏବଂ ଯୋଗାଯୋଗ ନମ୍ବର ନିୟମିତ ଭାବରେ ଅପଡେଟ କରିବା \|<br>• ବିପଦପୂର୍ଣ୍ଣ ଗୃହ ଗୁଡିକର ଚିହ୍ନଟିକରଣ ନିମନ୍ତେ ଦଳ ପାଖରେ ନାଲି ପତାକା ରହିବ ଆବଶ୍ୟକ |

| | |
|---|---|
| ବିପର୍ଯ୍ୟୟ ସମୟରେ | • ରେଡ଼ିଓ ଏବଂ ଅନ୍ୟାନ୍ୟ ସୂତ୍ରରୁ ପାଇଥିବା ଆଗୁଆ ସୂଚନାକୁ ଜିଲ୍ଲା ଜରୁରୀକାଳୀନ ପ୍ରକୋଷ୍ଠ (୧୦୭୭)ମାଧ୍ୟମରେ ତଦାରଖ କରିବା ।<br>• ଟିଭି କିମ୍ବା ରେଡ଼ିଓରୁ ଖବର ଶୁଣିବା ପରେ ସଠିକ ଖବର ସଂଗ୍ରହ କରି ସମସ୍ତ ଦଳର ମୁଖ୍ୟ ମାନଙ୍କୁ ଜଣାଇବେ ।<br>• ଗ୍ରାମର ପ୍ରତ୍ୟେକ ଗୃହରେ ଆଗୁଆ ସୂଚନା ପହଞ୍ଚାଇବା ଏବଂ ବିଶେଷକରି ଲାଲ ପତାକା ଚିହ୍ନିତ ବିପଦସଙ୍କୁଳ ଗୃହଗୁଡିକରେ ଆଗୁଆ ସୂଚନା ପହଞ୍ଚାଇବା ପାଇଁ ଯତ୍ନବାନ ହେବ ତଦଦ୍ୱାରା ସେମାନେ ଠିକ ସମୟରେ ସ୍ଥାନାନ୍ତରିତ ହୋଇପାରିବେ ।<br>• ସ୍ଥାନୀୟ ଉପଲବ୍ଧ ଆଗୁଆ ସୂଚନା ସରଞ୍ଜାମ ଯଥା - ଡେଙ୍ଗୁରା,ଶଙ୍ଖ ଏବଂ ବାଜା ମାଧ୍ୟମରେ ଆସୁଥିବା ବିପଦର ସଠିକ ଦିଗ ଏବଂ ବେଗ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ।<br>• ସୁନାମି ପାଇଁ ଚିହ୍ନିତ ବିକଳ୍ପ ରାସ୍ତା ମାଧ୍ୟମରେ ନିରାପଦ ଆଶ୍ରୟସ୍ଥଳୀକୁ ଲୋକମାନେ ସ୍ଥାନାନ୍ତରଣ ହେବା ନିଶ୍ଚିତ କରିବା । |
| ବିପର୍ଯ୍ୟୟ ପରେ | • ସ୍ଥାନୀୟ ସରକାରୀ ବ୍ଲକ ଅଫିସ,ପଞ୍ଚାୟତ ଅଫିସ ଏବଂ ଜିଲ୍ଲା ଜରୁରୀକାଳୀନ ପ୍ରକୋଷ୍ଠରୁ ବିପର୍ଯ୍ୟୟ ସମ୍ପର୍କୀୟ ସୂଚନା ସମ୍ପର୍କରେ ଅବଗତ ହେବା ।<br>• ବିପର୍ଯ୍ୟୟ ପରବର୍ତ୍ତୀ ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ।<br>• ଆଶ୍ରୟସ୍ଥଳୀ ପରିଚାଳନା ଦଳ ଏବଂ ସ୍ଥାନାନ୍ତରଣ ଦଳ ସହିତ ଲଗାତାର ଭାବରେ ସଂଯୋଜନା କରି ଲୋକଙ୍କୁ ଥଇଥାନ କରିବାରେ ସାହାଯ୍ୟ କରିବା । |

## ୬.୪.୨ ସ୍ଥାନାନ୍ତରଣସନ୍ଧାନ ଏବଂ ଉଦ୍ଧାରକାରୀ ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ମୁରଲୀଧର ଅମନତ୍ୟ | ପୁରୁଷ | ୪୨ | ୮୬୫୮୦୨୬୬୩୭ |
| ୨ | ଆରତି ଆଚାର୍ଯ୍ୟ | ମହିଳା | ୨୩ | ୮୨୬୦୨୩୩୮୪୭ |
| ୩ | ଶିବ ପ୍ରଧାନ | ପୁରୁଷ | ୩୮ | ୭୯୭୮୨୧୧୯୬୨ |
| ୪ | ରଶ୍ମିତା ଅମନତ୍ୟ | ମହିଳା | ୪୦ | ୭୮୯୪୬୯୮୨୪୧ |
| ୫ | ଦସରଥ ଅମନତ୍ୟ | ପୁରୁଷ | ୪୫ | ୭୮୯୪୬୯୮୨୪୧ |

**ସ୍ଥାନାନ୍ତରଣସନ୍ଧାନ ଏବଂ ଉଦ୍ଧାରକାରୀ ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ଗ୍ରାମରେ ଅବସ୍ଥିତି ବିପଦସଙ୍କୁଳ ପରିବାର ଏବଂ ଲୋକମାନଙ୍କ ସମ୍ପର୍କରେ ନିୟମିତ ଭାବରେ ଅବଗତ ହେବ ।<br>• ବିପଦସଂକୁଳିତ ଜନସାଧାରଣଙ୍କ ସ୍ଥାନାନ୍ତରଣ ନିମନ୍ତେ ନିରାପଦ ରାସ୍ତା ଚିହ୍ନଟ କରିବା ଏବଂ ସେମାନଙ୍କୁ ସ୍ଥାନାନ୍ତରଣ କରିବା ପାଇଁ ଖସଡ଼ା ପ୍ରସ୍ତୁତ କରିବା ।<br>• ଲୋକମାନଙ୍କୁ ସ୍ଥାନାନ୍ତରଣ ନିମନ୍ତେ ପରିବହନ ବ୍ୟବସ୍ଥାକୁ ପ୍ରସ୍ତୁତ କରି ରଖିବା ।<br>• ରାସ୍ତା ମରାମତି ନିମନ୍ତେ ସଂପୃକ୍ତ ଅଧିକାରୀଙ୍କୁ ଜଣାଇବା ଏବଂ ସମନ୍ୱୟ ରକ୍ଷା କରିବା ।<br>• ଉଦ୍ଧାର ନିମନ୍ତେ କିଟ ଯଥା- ଦଉଡି,ଆଇରନ ହୁକ,ଲାଇଫ ଜ୍ୟାକେଟ,ପ୍ରାଥମିକ ଚିକିତ୍ସା ବାକ୍ସ,ଟର୍ଚ୍ଚ ଲାଇଟ,ହୁଇସିଲ, ରେଡ଼ିଓ ଇତ୍ୟାଦି ସାମଗ୍ରୀ ପ୍ରସ୍ତୁତ କରିବା ।<br>• ପଶୁମାନଙ୍କୁ ସ୍ଥାନାନ୍ତରଣ ନିମନ୍ତେ ଉଚ୍ଚସ୍ଥାନ ଏବଂ ନିରାପଦ ଆଶ୍ରୟସ୍ଥଳୀ ଚିହ୍ନଟ କରିବା ।<br>• ସମସ୍ତ ସଦସ୍ୟ ଉପଯୁକ୍ତ ତାଲିମ ନେବେ ଏବଂ ଅଭ୍ୟାସ କରି ଅନ୍ୟ ମାନଙ୍କୁ ଶିଖାଇବେ । |

| | |
|---|---|
| ବିପର୍ଯ୍ୟୟ ସମୟରେ | • ତଳିଆ ଅଞ୍ଚଳରୁ ବିପଦସଙ୍କୁଳ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥଳକୁ ଆଣି ପହଞ୍ଚାଇବା ।<br>• ବିପଦସଙ୍କୁଳ ଲୋକଙ୍କୁ ଜୀବନରକ୍ଷାକାରୀ କିଟ ସହିତ ନିରାପଦ ଆଶ୍ରୟସ୍ଥଳୀରେ ପହଞ୍ଚିବାକୁ ସାହାଯ୍ୟ କରିବା ।<br>• ଶୃଙ୍ଖଳିତ ସ୍ଥାନାନ୍ତରଣକୁ ପ୍ରାଧାନ୍ୟତା ଦେବା ।<br>• ସ୍ଥାନାନ୍ତରଣ ସମୟରେ ନିଖୋଜ ବ୍ୟକ୍ତିଙ୍କୁ ଖୋଜିବାରେ ସାହାଯ୍ୟ କରିବା ।<br>• ଯଦି ଭିଡ଼ ଭିତରେ କୋଣସି ବ୍ୟକ୍ତି ଆହତ ହୁଅନ୍ତି ପ୍ରାଥମିକ ଚିକିତ୍ସା ଦଳ ସହିତ ଯୋଗାଯୋଗ କରି ଚିକିତ୍ସା କରାଇବା ।<br>• ଆହତ ବ୍ୟକ୍ତିଙ୍କୁ ନିକଟତମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରଣ ନିମନ୍ତେ ପ୍ରସ୍ତୁତ ହେବ ।<br>• ଗୃହପାଳିତ ପଶୁମାନଙ୍କୁ ସ୍ଥାନାନ୍ତରଣ କରିବା । |
| ବିପର୍ଯ୍ୟୟ ପରେ | • ଗ୍ରାମକୁ ସଠିକ ଭାବରେ ତଦାରଖ କରି ଆହତ ଲୋକମାନଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଦଳ ନିକଟକୁ ଆଣି ପହଞ୍ଚାଇବା ।<br>• ସରକାରୀ ସହାୟତା ନିମନ୍ତେ ନିଖୋଜ ବ୍ୟକ୍ତିଙ୍କର ସବିଶେଷ ବିବରଣୀ ଏକ ରେଜିଷ୍ଟରରେ ଲିପିବଦ୍ଧ କରି ରଖିବା ।<br>• ରାସ୍ତାରେ ପଡିଥିବା ଗଛ, ଅଳିଆ ଆବର୍ଜନାକୁ ରାସ୍ତାରୁ ହଟାଇବା ।<br>• ରିଲିଫ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପଯୁକ୍ତ ମାନବ ସମବଳକୁ ଘଟଣାସ୍ଥଳକୁ ପହଞ୍ଚାଇବାରେ ସାହାଯ୍ୟ କରିବା ।<br>• ଅନ୍ୟାନ୍ୟ ବିପର୍ଯ୍ୟୟ ପରିଚାଳନା ଦଳଗୁଡିକ ସହିତ ଯୋଗାଯୋଗ ରଖିବା । |

## ୬.୪.୩ ସ୍ୱାସ୍ଥ୍ୟ ଏବଂ ପ୍ରାଥମିକ ଚିକିତ୍ସା ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ସୁନାମୀ ଅମନତ୍ୟ | ମହିଳା | ୩୮ | ୮୨୬୦୧୧୪୬୩୫ |
| ୨ | ଜଗବନ୍ଧୁ ଅମନତ୍ୟ | ପୁରୁଷ | ୪୫ | ୭୨୦୫୬୬୮୨୩୯ |
| ୩ | ତିଲୋତ୍ତମା ପାତ୍ର | ମହିଳା | ୩୬ | ୮୯୨୬୩୨୨୭୫୪ |
| ୪ | ସନା ଅମନତ୍ୟ | ପୁରୁଷ | ୪୫ | ୭୮୫୪୮୫୩୮୮୫ |
| ୫ | ଡମ୍ବରୁ ଅମନତ୍ୟ | ପୁରୁଷ | ୨୬ | ୭୦୭୩୩୯୪୩୯୩ |

**ସ୍ୱାସ୍ଥ୍ୟ ଏବଂ ପ୍ରାଥମିକ ଚିକିତ୍ସା ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ଗର୍ଭବତୀ ମହିଳା,ଶିଶୁ,ଭିନ୍ନକ୍ଷମ ମାନଙ୍କର ଏକ ତାଲିକା ପ୍ରସ୍ତୁତି କରିବା ସହ ସେମାନଙ୍କର ଚିକିତ୍ସାକୁ ସୁନିଶ୍ଚିତ କରିବା ।<br>• ଗର୍ଭବତୀ ମହିଳା ଯେଉଁମାନଙ୍କର ପ୍ରସବ ତାରିଖ ବିପର୍ଯ୍ୟୟ ସମୟରେ ପଡୁଥିବସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିବାରେ ସହାକୟ କରିବା ।<br>• ପରିଷ୍କାର କପଡା,ଓ.ଆର.ଏସ, ଆୟୋଡିନ,କଇଁଚି,ବ୍ୟାଣ୍ଡେଜ,ଔଷଧ,ମଲମ,ବ୍ଲେଡ ଇତ୍ୟାଦି ପ୍ରାଥମିକ ଚିକିତ୍ସା ବାକ୍ସରେ ପ୍ରସ୍ତୁତି କରି ରଖନ୍ତୁ ।<br>• ବିପର୍ଯ୍ୟୟ ପୂର୍ବରୁ ମୌଳିକ ଔଷଧ ଯଥା - ଜଳ ବିଶୋଧିତ ବଟିକା,ଓ.ଆର.ଏସ ପ୍ୟାକେଟ ଇତ୍ୟାଦି ବଣ୍ଟନ କରିବା ସହ ଏହାର ବ୍ୟବହାର ପ୍ରଦର୍ଶନ କରିବା ।<br>• ଆହତଙ୍କୁ ସ୍ଥାନାନ୍ତରଣ ନିମନ୍ତେ ଷ୍ଟ୍ରେଚର ପ୍ରସ୍ତୁତି କରି ରଖିବା । |
| ବିପର୍ଯ୍ୟୟ ସମୟରେ | • ନିରାପଦ ସ୍ଥାନ ଏବଂ ଆଶ୍ରୟସ୍ଥଳୀରେ ଔଷଧ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସ ପ୍ରସ୍ତୁତି ରଖିବା ।<br>• ସ୍ଥାନାନ୍ତରିତ ହୋଇଥିବା ବ୍ୟକ୍ତିଙ୍କର ଚିକିତ୍ସା ଆବଶ୍ୟକତାକୁ ପ୍ରାଧାନ୍ୟ ଦେବା । |

| | |
|---|---|
| | • ଅସୁସ୍ଥ ଏବଂ ପୀଡିତ ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ପ୍ରଦାନ କରିବା । ଯଦି ସମ୍ଭବ ହୁଏ,ବିଳମ୍ବ ନ କରି ଆହତଙ୍କୁ ନିକଟତମ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ।<br>• ଅସୁସ୍ଥ/ପୀଡିତ ବ୍ୟକ୍ତିଙ୍କୁ ଖୋଜିବାରେ ଉଦ୍ଧାରକାରୀ ଦଳଙ୍କୁ ସାହାଯ୍ୟ କରିବା ସହ ନିରାପଦ ଆଶ୍ରୟସ୍ଥଳୀକୁ ନେବାରେ ସହଯୋଗ କରିବା ।<br>• ଗର୍ଭବତୀ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ।<br>• ଖାଦ୍ୟ ଏବଂ ପାନୀୟ ଜଳ ନେବା ପାଇଁ କୁହନ୍ତୁ ।<br>• ଲୋକମାନଙ୍କୁ ସାନ୍ତ୍ୱନା ଦିଅନ୍ତୁ,ଭୟ ସୃଷ୍ଟି କରନ୍ତୁ ନାହିଁ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରନ୍ତୁ ।<br>• ବିପର୍ଯ୍ୟୟ ସମୟରେ କେହି ଯେପରି ବାହାରକୁ ନ ଯାଆନ୍ତି ସୁନିଶ୍ଚିତ କରିବା । |
| ବିପର୍ଯ୍ୟୟ ପରେ | • ଘଟଣାସ୍ଥଳରେ ଶୀଘ୍ର ପହଞ୍ଚି ପୀଡିତଙ୍କୁ ବଞ୍ଚାଇବା ଏବଂ ସଠିକ ବ୍ୟବସ୍ଥା ମଧ୍ୟରେ ପୀଡ଼ିତଙ୍କୁ ଡାକ୍ତରଖାନା ପଠାଇବା ।<br>• ଉଦ୍ଧାର କରାଯାଇଥିବା ଆହତଙ୍କ ପ୍ରତି ଧ୍ୟାନ ଦେବା ।<br>• ଅସୁସ୍ଥ ଏବଂ ଆହତଙ୍କୁ ଡାକ୍ତରଖାନାକୁ ପଠାଇବା ସମୟରେ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀଙ୍କୁ ସାହାଯ୍ୟ କରିବା ।<br>• ଚିକିତ୍ସା ଶିବିରରେ ରୋଗୀମାନଙ୍କ ଉପସ୍ଥିତିକୁ ନିଶ୍ଚିତ କରିବା ଏବଂ ଡାକ୍ତରୀ ଦଳକୁ ସହଯୋଗ କରିବା ।<br>• ଗୁରୁତର ରୋଗୀଙ୍କ ବିଷୟରେ ଅବଗତ କରାଇବା ।<br>• ଗୋଷ୍ଠୀ ସ୍ତରରେ ମହାମାରୀ ନ ବ୍ୟାପିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେବା । ଯଦି କୌଣସି ବ୍ୟକ୍ତିର ଲକ୍ଷଣ ଜଣାପଡେ ତୁରନ୍ତ ଏହି ବିଷୟରେ ସ୍ୱାସ୍ଥ୍ୟ ଅଧିକାରୀ,ବ୍ଲକ ପ୍ରଶାସନକୁ ଜଣାଇବା<br>• କଲେରା,ଡାଇରିଆ,ମ୍ୟାଲେରିଆ ଭଳି ବିପଦପୂର୍ଣ୍ଣ ସଂକ୍ରାମକ ରୋଗ ଦାଉରୁ ରକ୍ଷା ନିମନ୍ତେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ଅନୁସରଣ କରନ୍ତୁ । |

## ୬.୪.୪ ମାନସିକ ବିଷାଦଗ୍ରସ୍ତ ଲୋକଙ୍କୁ ପରାମର୍ଶକାରୀ ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | କମଳା ଅମନତ୍ୟ | ମହିଳା | ୪୦ | ୯୯୩୭୬୩୮୧୨୩ |
| ୨ | ବଳରାମ ଅମନତ୍ୟ | ପୁରୁଷ | ୪୫ | ୭୮୪୭୮୬୩୪୬୦ |
| ୩ | ମଇନା ପୁଜାରୀ | ମହିଳା | ୪୦ | ୭୦୧୩୩୯୪୩୯୩ |
| ୪ | ବନବାସୀ ଅମନତ୍ୟ | ପୁରୁଷ | ୪୨ | ୯୬୯୨୪୯୩୮୦୮ |
| ୫ | ଉମେଶ ଅମନତ୍ୟ | ପୁରୁଷ | ୪୦ | ୭୯୭୮୨୧୧୯୬୨ |

**ମାନସିକ ବିଷାଦଗ୍ରସ୍ତ ଲୋକଙ୍କୁ ପରାମର୍ଶକାରୀ ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ଅଧିକ ବିପଦସଙ୍କୁଳ ବ୍ୟକ୍ତି ଯଥା -ମହିଳା,ଶିଶୁ,ବୟସ୍କ ବ୍ୟକ୍ତି ସହ ଭିନ୍ନକ୍ଷମ ଆଦିଙ୍କୁ ଚିହ୍ନଟ କରିବା<br>• ମାନସିକ ଭାବେ ସବଳ ହେବା ପାଇଁ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତୁ |
| ବିପର୍ଯ୍ୟୟ ପରେ | • ବଞ୍ଚିଥିବା ଲୋକଙ୍କୁ ସେମାନଙ୍କର ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ କରାଇବା,ଯାହା ଫଳରେ ସେମାନେ ମାନସିକ ସହଯୋଗ ପାଇପାରିବେ<br>• ବିପର୍ଯ୍ୟୟରୁ ବଞ୍ଚି ଯାଇଥିବା ଲୋକମାନଙ୍କୁ ସେମାନଙ୍କୁ ପସନ୍ଦର ବିଭିନ୍ନ କାର୍ଯ୍ୟକଳାପରେ ସଂପୃକ୍ତ କରିବା ଉପରେ ଗୁରୁତ୍ୱ ଦେବା,ଯାହାଫଳରେ ସେମାନେ ମାନସିକ ଭାବେ ନିୟୋଜିତ ରହିପାରିବେ<br>• ବିପର୍ଯ୍ୟୟରୁ ବଞ୍ଚିତ ଲୋକମାନଙ୍କ ମଧ୍ୟରେ ଧାର୍ମିକ ଭାବନା ସୃଷ୍ଟି କରିବା ସହ ରୀତିନୀତି କାର୍ଯ୍ୟକଳାପରେ ସଂପୃକ୍ତ ହେବାକୁ ଉତ୍ସାହିତ କରିବା |

## ୬.୪.୫ ଆଶ୍ରୟସ୍ଥଳୀ ପରିଚାଳନା ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ଦୁର୍ଜନ ଅମନତ୍ୟ | ପୁରୁଷ | ୪୫ | ୭୮୯୪୬୯୮୨୪୧ |
| ୨ | ଇନ୍ଦିରା ଅମନତ୍ୟ | ମହିଳା | ୩୮ | ୭୮୯୪୬୯୮୨୪୧ |
| ୩ | ସୁନାମଣି ଅମନତ୍ୟ | ପୁରୁଷ | ୪୩ | ୮୨୬୦୧୧୪୬୩୫ |
| ୪ | ଚମ୍ପା ଅମନତ୍ୟ | ମହିଳା | ୪୨ | ୭୨୦୫୬୬୮୨୩୯ |
| ୫ | ଦମ୍ବୁ ପାତ୍ର | ପୁରୁଷ | ୩୯ | ୮୯୨୬୩୨୨୭୫୪ |

**ଆଶ୍ରୟସ୍ଥଳୀ ପରିଚାଳନା ଦଳ ର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ଇଂଜିନିୟରଙ୍କ ଦ୍ୱାରା ପକ୍କା ଘର ଏବଂ ନିରାପଦ ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇ ମରାମତି କରାଯିବ ନିଶ୍ଚିତ କରିବା<br>• ଅତି କମରେ ଏକ ସପ୍ତାହ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ,ପାନୀୟ ଜଳ, ଦିଆସିଲି,ଦୁଗ୍ଧଗୁଣ୍ଡ,କିରୋସିନି,ରନ୍ଧନ ଗ୍ୟାସ ସିଲିଣ୍ଡର,ଔଷଧ,ଆସବାବ ପତ୍ର ଇତ୍ୟାଦି ମହଜୁଦ ରଖିବା<br>• ଉପଯୁକ୍ତ ସ୍ଥାନରେ ପରିମଳ/ସ୍ୱଚ୍ଛତା ସୁବିଧା କରାଇବା<br>• ଆଶ୍ରୟସ୍ଥଳୀଗୁଡିକରେ ମହିଳାଙ୍କ ନିମନ୍ତେ ପୃଥକ ବ୍ୟବସ୍ଥା ରହିବା<br>• ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନଙ୍କରେ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଶୁଖିଲା ଖାଦ୍ୟ ଗଛିତ ରଖିବା |
| ବିପର୍ଯ୍ୟୟ ସମୟରେ | • ଆଶ୍ରୟସ୍ଥଳୀକୁ ଆସୁଥିବା ଲୋକେ ଅତିକମରେ ତିନି ଦିନ ପାଇଁ ଶୁଖିଲା ଖାଦ୍ୟ,ପାନୀୟ ଜଳ/ଅତ୍ୟାବଶ୍ୟକ ଔଷଧ ଆଣିଥିବା ନିଶ୍ଚିତ କରିବା<br>• ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନେ ନିଜ ନିଜର ଆଣିଥିବା ଖାଦ୍ୟ ଓ ପାନୀୟ ଜଳକୁ ପ୍ରଥମେ ବ୍ୟବହାର କରିବାକୁ ଗୁରୁତ୍ୱ ଦେବା<br>• ଆଶ୍ରୟସ୍ଥଳୀରେ ସ୍ଥାନାନ୍ତରିତ ପରିବାରଙ୍କ ପାଇଁ ଯଥେଷ୍ଟ ସ୍ଥାନର ବ୍ୟବସ୍ଥା କରିବା<br>• ଆଶ୍ରୟସ୍ଥଳୀ ପରିସର ମଧ୍ୟରେ ପରିଷ୍କାର ଓ ପରିଚ୍ଛନ୍ନତା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବା<br>• ଅଧିକ ବିପଦସଙ୍କୁଳ ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନର ବ୍ୟବସ୍ଥା କରିବା<br>• ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା<br>• ଆଶ୍ରୟସ୍ଥଳୀରେ ରହୁଥିବା ଲୋକମାନଙ୍କର ନାମ ପଞ୍ଜିକରଣ କରାଯିବ ସହ ନିୟମିତ ତଦାରଖ କରାଯିବ । ଯଦି କୌଣସି ବ୍ୟକ୍ତି ନିଖୋଜ ହେବାର ନଜର ଆସେ ତେବେ ତୁରନ୍ତ ସନ୍ଧାନ ଓ ଉଦ୍ଧାରକାରୀ ଦଳକୁ ଜଣାଯିବ<br>• ବିପର୍ଯ୍ୟୟ ସମୟରେ କେହି ଯେପରି ଆଶ୍ରୟସ୍ଥଳୀ ଛାଡି ବାହାରକୁ ଯାଇ ନଥିବେ, ତାହା ନିଶ୍ଚିତ କରିବା |
| ବିପର୍ଯ୍ୟୟ ପରେ | • ଗଛିତ ରିଲିଫ ସାମଗ୍ରୀ ବଜାୟ ରଖିବା ପାଇଁ ବିଭିନ୍ନ ଉତ୍ସରୁ ରିଲିଫ ସଂଗ୍ରହ/ବ୍ୟବସ୍ଥା କରିବା<br>• ଆଶ୍ରୟସ୍ଥଳୀର ଭିତର ଓ ବାହାର ପାଖ ପରିଷ୍କାର ପରିଚ୍ଛନ୍ନ ରଖିବା<br>• ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବା<br>• ବିପର୍ଯ୍ୟୟ ସାରିବା ପରେ ଆଶ୍ରୟସ୍ଥଳୀକୁ ପରିଷ୍କାର ରଖିବା ନିମନ୍ତେ ଆବଶ୍ୟକ  ବ୍ୟବସ୍ଥା କରିବା<br>• କୂଅକୁ ଜୀବାଣୁମୁକ୍ତ କରିବା,ବ୍ଲିଚିଂ ସ୍ପ୍ରେ କରିବା,ଆହତଙ୍କୁ ଚିକିତ୍ସା କରିବା ଆଦିରେ ଅନ୍ୟ  ଦଳକୁ ସାହାଯ୍ୟ କରିବା<br>• ଅନ୍ୟ ଦଳ ସହିତ  ସମନ୍ୱୟ ରକ୍ଷା କରିବା<br>• ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ସମିତି ପାଖରେ ଖର୍ଚ୍ଚ ବିବରଣୀ ଦାଖଲ କରିବା |

## ୬.୪.୬ ଜଳ ଓ ପରିମଳ ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ରୁକ୍ମିଣୀ ଅମନତ୍ୟ | ମହିଳା | ୪୦ | ୬୮୫୪୮୫୩୮୮୫ |
| ୨ | ଗୋମତୀ ଅମନତ୍ୟ | ମହିଳା | ୪୫ | ୭୦୧୩୩୯୪୩୯୩ |
| ୩ | ସନ୍ଧ୍ୟା ଅମନତ୍ୟ | ମହିଳା | ୪୦ | ୯୯୩୭୬୩୮୧୨୩ |
| ୪ | ଭାଗିରଥୀ ପୁଜାରୀ | ପୁରୁଷ | ୪୧ | ୬୮୪୭୮୬୩୪୯୦ |
| ୫ | ହେମନ୍ତ ଅମନତ୍ୟ | ପୁରୁଷ | ୩୨ | ୭୦୧୩୩୯୪୩୯୩ |

**ଜଳ ଓ ପରିମଳ ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅନ୍ୟ ଉତ୍ସରୁ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ପାଉଡର ମହଜୁଦ ରଖିବା<br>• ସଂପୃକ୍ତ ସରକାରୀ ବିଭାଗରୁ ଜଳ ପରୀକ୍ଷା କିଟ କିଣାଯିବ<br>• ପାଇପ ଯୋଗେ ଜଳ ଯୋଗାଣ,ଖରାପ ନଳକୂପ ଗୁଡିକ ଉପଯୁକ୍ତ ଭାବେ ମରାମତି ହେବ ଏବଂ ବିଶୁଦ୍ଧ ପାନୀୟ ଜଳ ମିଳୁଥିବାକୁ ନିଶ୍ଚିତ କରିବା<br>• ବଡ ବଡ ଜଳାଶୟ ବିଶୋଧନ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଚୂନ ପାଉଡର ବ୍ୟାଗ ଗଚ୍ଛିତ ରଖିବା<br>• ସଂପୃକ୍ତ ବିଭାଗରୁ ଆବଶ୍ୟକୀୟ ଭ୍ରାମ୍ୟମାଣ ପାଇଖାନା ଏବଂ ଅନ୍ୟାନ୍ୟ ପରିମଳ ସାମଗ୍ରୀ ମହଜୁଦ କରି ରଖିବା<br>• ଡ୍ରେନ ପରିଷ୍କାର ଥିବା ନିଶ୍ଚିତ କରିବା |
| ବିପର୍ଯ୍ୟୟ ସମୟରେ | • ଆଶ୍ରୟସ୍ଥଳୀ ଚାରିପାଖ ସଫାସୁତରା ଥିବା ନିଶ୍ଚିତ କରିବା<br>• ପିଇବା ପାଇଁ ଫୁଟା ପାଣି/ବିଶୁଦ୍ଧ ଜଳ ମିଳୁଥିବାକୁ ନିଶ୍ଚିତ କରିବା<br>• ପିଇବା ପାଣିରେ କ୍ଲୋରିନ୍/ହାଲୋଜିନ ଟାବଲେଟ ବ୍ୟବହାର ସମ୍ପର୍କରେ ବୁଝାଇବା<br>• ନଳକୂଅ/କୂଅକୁ ଜୀବାଣୁମୁକ୍ତ ରଖିବା<br>• ଆଶ୍ରୟସ୍ଥଳୀ ପରିଚାଳନା ଦଳ ଦ୍ୱାରା ସଂଗୃହୀତ ବିଶୁଦ୍ଧ ପାନୀୟ ଜଳ ବିପଦମୁକ୍ତ ଅଟେ କି ନାହିଁ ନିଶ୍ଚିତ କରିବା |
| ବିପର୍ଯ୍ୟୟ ପରେ | • ସଂକ୍ରାମକ ରୋଗ ପ୍ରତିରୋଧ ନିମନ୍ତେ ଗ୍ରାମରେ ଜୀବାଣୁ ମୁକ୍ତ ପାଇଁ ବ୍ଲିଚିଂ ପାଉଡର ସ୍ପ୍ରେ କରିବା<br>• ଖାଲ ଖମା ଏବଂ ଡ୍ରେନ ଗୁଡିକୁ ଜୀବାଣୁ ମୁକ୍ତ ପାଇଁ ସଫାସୁତରା ରଖିବାକୁ ନିଶ୍ଚିତ କରିବା<br>• ସ୍ଥାନାନ୍ତରିତ ଲୋକେ ଶୌଚାଳୟକୁ ସଫାସୁତରା ରଖିବାକୁ ନିଶ୍ଚିତ କରିବା<br>• ଜଳ ପରୀକ୍ଷା କିଟ ଦ୍ୱାରା ଜଳର ବିଶୁଦ୍ଧତା ଯାଞ୍ଚ କରିବା<br>• ସଂକ୍ରାମକ ରୋଗକୁ ପ୍ରତିରୋଧ କରିବା ପାଇଁ ଜଳ ବିଶୁଦ୍ଧତା ବିଷୟରେ ଗୋଷ୍ଠୀକୁ ଅବଗତ କରାଇବା<br>• ଗୋଷ୍ଠୀରେ ମହାମାରୀ ନ ବ୍ୟାପିବା ପାଇଁ ପଦକ୍ଷେପମାନ ଗ୍ରହଣ କରିବା । ଆବର୍ଜନା ସଫା ନିମନ୍ତେ ଦଳକୁ ସାହାଯ୍ୟ କରିବା<br>• ସ୍ୱରେଜ ବ୍ୟବସ୍ଥାକୁ ପରିଷ୍କାର କରିବା<br>• ଗ୍ରାମରେ କୌଣସି ସ୍ଥାନରେ ପାଣି ଜମିବାକୁ ନ ଦେବା |

## ୬.୪.୭ ରିଲିଫ ଏବଂ ସଂଯୋଜକ ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ଗୋରେଖ ଭଣ୍ଡାରୀ | ପୁରୁଷ | ୪୦ | ୯୬୯୨୪୯୩୮୦୮ |
| ୨ | ଲକି ଅମନତ୍ୟ | ପୁରୁଷ | ୩୮ | ୯୧୭୮୫୯୩୦୨୧ |
| ୩ | ଗୁରୁବାରୀ ଅମନତ୍ୟ | ମହିଳା | ୩୨ | ୬୩୬୧୮୧୪୬୯୫ |
| ୪ | ରମେଶ ନାୟକ | ପୁରୁଷ | ୪୧ | ୭୬୦୮୮୯୬୨୪୮ |
| ୫ | ଜୟନ୍ତି ଅମନତ୍ୟ | ମହିଳା | ୩୭ | ୮୨୪୯୮୬୯୯୨୪ |

**ରିଲିଫ ଏବଂ ସଂଯୋଜକ ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ଆଗୁଆ ଭାବେ ଆଶ୍ରୟସ୍ଥଳୀରେ ପାଣି ପାଉଚ,ଶିଶୁ ଖାଦ୍ୟ,ରାସନ ସାମଗ୍ରୀ,ଔଷଧ,ଟର୍ଚ୍ଚ,ଲ୍ୟାମ୍ପ,କିରୋସିନି,ଜାଳେଣୀ କାଠ ଇତ୍ୟାଦି ସରକାରୀ ଏବଂ ଅନ୍ୟ ଉତ୍ସରୁ ସଂଗ୍ରହ କରି ରଖିବା<br>• ଅସ୍ଥାୟୀ ଭାବେ ନିର୍ମାଣ ସାମଗ୍ରୀ ଯଥା ବାଉଁଶ,ଦଉଡି,ତାରପୁଲିନ ଏବଂ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରଖିବା<br>• ପଶୁମାନଙ୍କ ପାଇଁ ଖାଦ୍ୟ ଏବଂ ଔଷଧ ମହଜୁଦ ରଖିବା<br>• ଅନ୍ୟ ଦଳ ସହିତ ଆଲୋଚନା କରିବା ଏବଂ ଯୋଗାଣ ସମୟରେ ସେମାନଙ୍କୁ ସହଯୋଗ କରିବା<br>• ଆଶ୍ରୟସ୍ଥଳୀରେ ରହୁଥିବା ପରିବାରଙ୍କୁ ସଦସ୍ୟ ଅନୁସାରେ ରିଲିଫ ପ୍ରଦାନ କରିବା |
| ବିପର୍ଯ୍ୟୟ ସମୟରେ | • ସଂପୃକ୍ତ ଆଶ୍ରୟସ୍ଥଳୀକୁ ରିଲିଫ ସାମଗ୍ରୀ ଯୋଗାଣ<br>• ମହଜୁଦ ସାମଗ୍ରୀକୁ ତଦାରଖ କରିବା ଏବଂ ଯଥାଶୀଘ୍ର ସରିଯାଇଥିବ ସାମଗ୍ରୀ ଯୋଗାଇବା<br>• ରିଲିଫ ସାମଗ୍ରୀ ଯୋଗାଣରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନକୁ ସହଯୋଗ କରିବା<br>• ଲୋକଙ୍କୁ ଦରକାର ହେଉଥିବା ଜିନିଷର ତାଲିକା ପ୍ରସ୍ତୁତ କରିବା,ବେସରକାରୀ ଅନୁଷ୍ଠାନ ସହିତ ଯୋଗାଯୋଗ କରିବା ଏବଂ ଲୋକଙ୍କୁ ସେହିସବୁ ସାମଗ୍ରୀ ମିଳିବାରେ ସାହାଯ୍ୟ କରିବା |
| ବିପର୍ଯ୍ୟୟ ପରେ | • ରିଲିଫ ସାମଗ୍ରୀ ମହଜୁଦ ରଖିବା<br>• ରିଲିଫ ସାମଗ୍ରୀ ବଣ୍ଟନ କରିବା ଏବଂ ତଦାରଖ କରିବା<br>• ସରିଯାଉଥିବା ରିଲିଫ ସାମଗ୍ରୀ ପୁଣି ଥରେ ଯୋଗାଇବାରେ ବ୍ୟବସ୍ଥା କରିବା<br>• ସରକାରୀ କଳ ଦ୍ୱାରା କ୍ଷୟକ୍ଷତିର ଗଣନା ଶୀଘ୍ର ଆରମ୍ଭ କରିବା ନିଶ୍ଚିତ କରିବା |

## ୬.୪.୮ କ୍ଷୟକ୍ଷତି ଆକଳନ ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ରାମ ଅମନତ୍ୟ | ପୁରୁଷ | ୪୨ | ୭୫୬୦୨୬୧୫୯୨ |
| ୨ | ମାଣିକ ଅମନତ୍ୟ | ମହିଳା | ୩୫ | ୮୩୨୭୭୦୮୦୦୯ |
| ୩ | ଯମୁନା ଅମନତ୍ୟ | ମହିଳା | ୨୬ | ୬୮୪୮୮୬୧୮୮୫ |
| ୪ | ଖାଗେସ୍ୱର ଅମନତ୍ୟ | ପୁରୁଷ | ୪୦ | ୬୩୭୨୨୦୭୦୪୨ |
| ୫ | ପୁର୍ଣ୍ଣ ଅମନତ୍ୟ | ପୁରୁଷ | ୩୮ | ୬୮୪୮୮୬୧୮୮୫ |

**କ୍ଷୟକ୍ଷତି ଆକଳନ ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ଗ୍ରାମ୍ୟସ୍ତରରେ ମାଛଧରା ଡଙ୍ଗା,ଚାଷଜମି,ଗୃହପାଳିତ ପଶୁ,ବୃକ୍ଷ ଆଦିର ଡାଟାବେସ ପ୍ରସ୍ତୁତ କରି ରଖିବା<br>• ଜରୁରୀକାଳୀନ କିଟ ମଧ୍ୟରେ ଆଇ.ଦି.କାର୍ଡ,ଜମି ପଟା,ଅନ୍ୟ ଦରକାରୀ କାଗଜପତ୍ର ରଖିବା ପାଇଁ ଲୋକମାନଙ୍କୁ ସଚେତନା କରାଇବା |
| ବିପର୍ଯ୍ୟୟ ପରେ | • ହିତାଧିକାରୀଙ୍କ ତାଲିକାକୁ ଯାଞ୍ଚ କରି ଅପଡେଟ କରିବା<br>• ମୃତ ବ୍ୟକ୍ତି,ଗୃହପାଳିତ ପଶୁପକ୍ଷୀ,ଘର,ଡଙ୍ଗା,ପାରିବାରିକ ଆସବାବ ପତ୍ର.ଗୋଷ୍ଠୀ ସ୍ତରୀୟ ଭିତ୍ତିଭୂମି,ଗଛ ଏବଂ ଜୀବନଜୀବିକାରେ ବ୍ୟବହୃତ ସମ୍ପତି ଗୁଡିକରେ ତାଲିକା ପ୍ରସ୍ତୁତ କରି ରଖିବା<br>• କ୍ଷୟକ୍ଷତି ଆକଳନ ସମୟରେ ରାଜସ୍ୱ ନିରୀକ୍ଷକ,ସରପଞ୍ଚ,ସରକାରୀ କର୍ମଚାରୀଙ୍କୁ ସହଯୋଗ କରିବା<br>• ପୁନରୁଦ୍ଧାନ କାର୍ଯ୍ୟକ୍ରମ ପାଇଁ ବେସରକାରୀ ସଂସ୍ଥାମାନଙ୍କ ସହିତ ଯୋଗାଯୋଗ କରିବା<br>• ବିନା ବାଧାବିଘ୍ନରେ ପରିବାର କିପରି ସହାୟତା ପାଇପାରିବେ ସହଯୋଗ କରିବା<br>• ରାସ୍ତା,ପାନୀୟ ଜଳ ଯୋଗାଣ,ବିଦ୍ୟୁତ ସରବରାହ,ହାଟବଜାର ଇତ୍ୟାଦି ଭିତ୍ତିଭୂମି ଗୁଡିକର କ୍ଷୟକ୍ଷତି ଆକଳନ ସମୟରେ ସାହାଯ୍ୟ ସହଯୋଗ କରିବା<br>• ସରକାରଙ୍କ ଦ୍ୱାରା କ୍ଷୟକ୍ଷତି ଗଣନା କରିବାରେ ସାହାଯ୍ୟ କରିବା<br>• ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ପରିବାରକୁ ମୃତ୍ୟୁ ପ୍ରମାଣପତ୍ର,ବୀମା ଇତ୍ୟାଦି ସହାୟତା ମିଳିବାରେ ଆବଶ୍ୟକୀୟ ନଥି କାର୍ଯ୍ୟ କରିବା ସାହାଯ୍ୟ କରିବା |

## ୬.୪.୯ ଶବ ନିକାଶ ଦଳ

| କ୍ର.ସଂ | ସଦସ୍ୟ ନାମ | ଲିଙ୍ଗ | ବୟସ | ଟେଲିଫୋନ ନମ୍ବର |
|---|---|---|---|---|
| ୧ | ଭଗବାନ ଅମନତ୍ୟ | ପୁରୁଷ | ୪୫ | ୯୬୯୨୭୨୬୪୦୫ |
| ୨ | ଯଶୋଦା ଅମନତ୍ୟ | ମହିଳା | ୪୧ | ୯୩୪୮୪୩୪୫୧୭ |
| ୩ | ଗୋପୀ ଅମନତ୍ୟ | ପୁରୁଷ | ୪୫ | ୯୮୨୭୮୮୭୪୫୫ |
| ୪ | ପଦ୍ମିନୀ ଅମନତ୍ୟ | ମହିଳା | ୪୫ | ୭୪୮୭୯୮୭୨୯୦ |
| ୫ | ଡମ୍ବରୁ ଅମନତ୍ୟ | ପୁରୁଷ | ୪୧ | ୭୪୮୭୯୮୭୨୯୦ |

**ଶବ ନିକାଶ ଦଳର ଦାୟିତ୍ୱ**

| ସମୟ ରେଖା | ଦାୟିତ୍ୱ |
|---|---|
| ବିପର୍ଯ୍ୟୟ ପୂର୍ବରୁ | • ଜାଳେଣୀ କାଠ,କିରୋସିନି ଏବଂ ମର ଶରୀର ଆବରଣ କପଡା ଆଦି ମହଜୁଦ ରଖିବା<br>• ବ୍ଲିଚିଂ ପାଉଡର ମହଜୁଦ ରଖିବା<br>• ଶ୍ମଶାନ/ଶବ ଦାହ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା |
| ବିପର୍ଯ୍ୟୟ ପରେ | • ମର ଶରୀର/ଶବ କୁ ଚିହ୍ନଟ କରନ୍ତୁ \| ଗୃହପାଳିତ ପଶୁଙ୍କର ଶବଦାହ ସମୟରେ ଗୃହକର୍ତ୍ତାଙ୍କୁ ଅବଗତ କରାଇବା \|<br>• ବୀମାଭୁକ୍ତ ପଶୁମାନଙ୍କର ତଥ୍ୟ/ତାଲିକା ରଖନ୍ତୁ \|<br>• ଯଦି ମଣିଷର ମୃତ ଶରୀର ଥାଏ ତେବେ ତାହାର ବିବରଣୀ,ଫଟୋ ଗ୍ରାଫ ରଖନ୍ତୁ ଏବଂ ସଂପୃକ୍ତ ବିଭାଗକୁ ଅବଗତ କରନ୍ତୁ<br>• ମୃତ ଶରୀର ମିଳୁଥିବା ସ୍ଥାନ/ଅଞ୍ଚଳରେ ବ୍ଲିଚିଂ ପାଉଡର ପକାନ୍ତୁ<br>• ମୃତକଙ୍କ ଚିହ୍ନଟ ପାଇଁ ପାରିବାର ସଦସ୍ୟଙ୍କ ଠାରୁ ସଂପୂର୍ଣ୍ଣ ବିବରଣୀ ଜାଣନ୍ତୁ<br>• ଶବଦାହ ପରେ ଜୀବାଣୁ ମୁକ୍ତ ନିମନ୍ତେ ସେହି ସ୍ଥାନକୁ ବ୍ଲିଚିଂ ପାଉଡର ପକାଇବା |

# ପ୍ରଶମନ ଯୋଜନା

## ୭.୧ ଗୋଷ୍ଠୀସ୍ତରୀୟ ପ୍ରଶମନ କାର୍ଯ୍ୟ

ବିପର୍ଯ୍ୟୟ ସମୟରେ ସ୍ଥାନାନ୍ତରଣ ପାଇଁ ବୟସ୍କ, ମହିଳା ଏବଂ ଶିଶୁମାନେ ବ୍ୟବହାର କରିପାରୁଥିବା ସର୍ବନିମ୍ନ ବିପତ୍ତି ଓ ବାଧା ଥିବା ନିରାପଦ ରାସ୍ତା ଚିହ୍ନଟ | ବିପର୍ଯ୍ୟୟ ପ୍ରଶମନ ପାଇଁ ନଦୀବନ୍ଧ ଯୋଜନା,ପାନୀୟ ଜଳର ସୁବିଧା,ଗ୍ରାମ ରାସ୍ତାର ଉନ୍ନତି କାରଣ,ପକ୍କା ଘର,କେନାଲ ଦ୍ୱାରା ସଠିକ ଭାବେ ଜଳ ପରିଚାଳନା ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନ କରାଯାଇପାରିବ |

## ୭.୨ ସ୍ୱଳ୍ପମିଆଦୀ ପ୍ରଶମନ କାର୍ଯ୍ୟ

| କ୍ର.ସଂ | ପ୍ରଶମନ କାର୍ଯ୍ୟ ଯୋଜନା | ଆବଶ୍ୟକ ପଦକ୍ଷେପ |
|---|---|---|
| ୧ | ବନ୍ୟା  ପ୍ରଶମନ | ନଦୀବନ୍ଧ ସୁଦୃଢୀକରଣ ଏବଂ ପାନିୟ ଜଳର ସୁବନ୍ଦୋବସ୍ତ କରିବା ତଥା ଆବଶ୍ୟକୀୟ ଖାଦ୍ୟର ବ୍ୟବସ୍ଥା |
| ୨ | ବାତ୍ୟା ପ୍ରଶମନ | ଡାକବାଜି ଯନ୍ତ୍ର,ଦୂରଭାଷୀ ଯନ୍ତ୍ର ଏବଂ ସତର୍କ ଆପ ମାଧ୍ୟମରେ ସୂଚନା ପ୍ରଦାନ<br>ସୁରକ୍ଷିତ ସ୍ଥାନକୁ ଉଦ୍ଧାର ଓ ସ୍ଥାନାନ୍ତନରଣ କରିବା |
| ୩ | ସୁନାମି ପ୍ରଶମନ | ନାହିଁ |
| ୪ | ମରୁଡି ପ୍ରଶମନ | କେନାଲ ଦ୍ୱାରା ସଠିକ ଭାବେ ଜଳ ପରିଚାଳନା |
| ୫ | ଅନ୍ୟାନ୍ୟ | ନାହିଁ |

## ୭.୩ ଦୀର୍ଘମିଆଦୀ ପ୍ରଶମନ କାର୍ଯ୍ୟ

| କ୍ର.ସଂ | ପ୍ରଶମନ କାର୍ଯ୍ୟ ଯୋଜନା | ଆବଶ୍ୟକ ପଦକ୍ଷେପ |
|---|---|---|
| ୧ | ବନ୍ୟା  ପ୍ରଶମନ | ନନ୍ଦୀବନ୍ଧର ଉଚତା ବୃଦ୍ଧି କରିବା ବା ପଥର ବନ୍ଧ କରିବା, ଦୁର୍ବଳ ନନ୍ଦୀ ବନ୍ଧର ମରମତି କରିବା |
| ୨ | ବାତ୍ୟା ପ୍ରଶମନ | ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା  ମାଧ୍ୟମରେ |
| ୩ | ସୁନାମି ପ୍ରଶମନ | ନାହିଁ |
| ୪ | ମରୁଡି ପ୍ରଶମନ | କେନାଲ ଦ୍ୱାରା ସଠିକ ଭାବେ ଜଳ ପରିଚାଳନା. ଉଠା ଜଳ ସେଚନ ପ୍ରକଳ୍ପର ସ୍ଥାପନ |
| ୫ | ଅନ୍ୟାନ୍ୟ | ନାହିଁ |

## ୭.୪ ଉନ୍ନୟନ ପରିକଳ୍ପନା ଏବଂ ବିପର୍ଯ୍ୟୟ ପ୍ରଶମନ

| କ୍ର.ସଂ | ବିପର୍ଯ୍ୟୟ ପ୍ରଶମନ/ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ | ବିକାଶମୂଳକ ଯୋଜନା | କାର୍ଯ୍ୟକାରୀ ବିଭାଗ |
|---|---|---|---|
| ୧ | ଗ୍ରାମ ରାସ୍ତାର ଉନ୍ନତି କାରଣ (ପକ୍କା) | ପକ୍କା ରାସ୍ତା | PWD |
| ୨ | ପକ୍କା ଘର, ବଖରା (10X10) | ଆମ ଗାଁ ଆମ ବିକାଶ | ବ୍ଲକ |
| ୩ | ପାନୀୟ ଜଳର ସୁବିଧା | ପାନୀୟ ଜଳର ସୁବିଧା | ବ୍ଲକ |

## ୮. ଉପସଂହାର:

ଓଡିଶାର ଭୌଗୋଳିକ ଅବସ୍ଥିତି ଓଡିଶାକୁ ଏକ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଭାବେ ପରିଗଣିତ କରିଅଛି । ପୂର୍ବ ଅନୁଭୂତିକୁ ଓ ଅଭିଜ୍ଞତାକୁ ପାଥେୟକରି ବିପର୍ଯ୍ୟୟ ପ୍ରଶମନ, ପୂର୍ବ ପ୍ରସ୍ତୁତି ଏବଂ ପ୍ରାକ ସୂଚନା କ୍ଷେତ୍ରରେ ଓଡିଶା ପୂର୍ବପେକ୍ଷା ଅନେକ ଅଗ୍ରଗତି କରିଛି । ଏହି ପରିପ୍ରେକ୍ଷୀରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଗ୍ରାମ୍ୟ ସ୍ତରୀୟ ଯୋଜନା ପ୍ରସ୍ତୁତି, ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସଠିକ ମୁକାବିଲା କରିବା ଅର୍ଥାତ ବିପର୍ଯ୍ୟୟ ପୂର୍ବପ୍ରସ୍ତୁତି, ପୁନଃନିର୍ମାଣ, ପୁନଃନିବାସ ଏବଂ ପ୍ରଶମନ ଦିଗରେ କାମରେ ଲାଗିବ । ବିପର୍ଯ୍ୟୟ ପରିଚାଳନା, ଗୋଷ୍ଠୀସ୍ତରୀୟ ବିପର୍ଯ୍ୟୟ ହ୍ରାସକାରଣ, ବିପର୍ଯ୍ୟୟ ସମୟରେ ସୁରକ୍ଷା ଓ ନିରାପତ୍ତା, ପ୍ରାଥମିକ ଚିକିତ୍ସା ଏବଂ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟକୌଶଳ ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଗଲେ ଉପଯୁକ୍ତ ସମୟରେ ଲୋକଙ୍କ କାମରେ ଆସିପାରିବ । ବାତ୍ୟା ଓ ବନ୍ୟା ପରିସ୍ଥିତି ଉପୁଜିବା ପୂର୍ବରୁ ଆଶ୍ରୟସ୍ଥଳୀ ସ୍ତରୀୟ ମକ ଡ୍ରିଲ କରାଗଲେ ଆଶ୍ରୟସ୍ଥଳୀ ଟାସ୍କଫୋର୍ସ ମାନେ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ କରିପାରିବେ, ଧନଜୀବନ କ୍ଷୟକ୍ଷତି ନ ହେବା ପାଇଁ ସେମାନେ ଗୋଷ୍ଠୀସ୍ତରୀୟ ସଭାମାନ କରି ସଚେତନତା ସୃଷ୍ଟି କରିବେ । ଚାଷ ସମୟରେ ବର୍ଷା ପରିମାଣ କମ ହେତୁ ସାଧାରଣାତଃ ମରୁଡି ପରିସ୍ଥିତି ଉପିଯିଥାଏ । ଏହାର ସଫଳ ମୁକାବିଲା' ପାଇଁ ବିଭିନ୍ନ ବିଭାଗ ସହ ସମନ୍ଵୟ ରକ୍ଷା କରି ଉପଯୁକ୍ତ ପଦକ୍ଷେପ ନିଆଯାଇପାରିବ । ଅର୍ଥାତ ପ୍ରସ୍ତୁତ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା କୁ ତୁରନ୍ତ କାର୍ଯ୍ୟକାରୀ କଲେ ଗୋଷ୍ଠୀ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ନିର୍ଣ୍ଣାୟକ ପରିବର୍ତ୍ତନ ଆଣିବ ।

## ୮.୧ ବିପର୍ଯ୍ୟୟ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ନାମ ଏବଂ ଫୋନ ନଂ

| କ୍ର.ସଂ | ବ୍ୟକ୍ତିଙ୍କ ନାମ | ପଦବୀ ଏବଂ ବିଭାଗ | କାର୍ଯ୍ୟାଳୟ ଫୋନ ନଂ | ବାସସ୍ଥାନର ଫୋନ ନଂ |
|---|---|---|---|---|
| ୧ | କ୍ଷୀରୋଦ ଚନ୍ଦ୍ର ସାହୁ | ବ୍ଲକ ଉନ୍ନୟନ ଅଧିକାରୀ | ୭୦୦୮୨୪୯୧୦୦ | ୭୦୦୮୨୪୯୧୦୦ |
| ୨ | ବନମାଳୀ ମେହେର | ତହସିଲଦାର | ୮୮୬୦୯୧୨୬୫୦ | ୮୮୬୦୯୧୨୬୫୦ |
| ୩ | ଚିରାଗ କୁମାର ଆଚାର୍ଯ୍ୟ | ଏମ.ଓ.ଆଇ. | ୮୩୨୭୭୩୭୬୭୬ | ୮୩୨୭୭୩୭୬୭୬ |
| ୪ | ପାର୍ଥିଜୀତ ମଣ୍ଡଳ | ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ | ୯୫୫୬୧୧୯୮୩୧ | ୯୫୫୬୧୧୯୮୩୧ |
| ୫ | ବିସ୍ବଜିତ ଦାସ | ଆର.ଆଇ./ଏ.ଆର.ଆଇ | ୦୬୮୫୮-୨୨୯୭୨୦ | ୦୬୮୫୮-୨୨୯୭୨୦ |
| ୬ | ସୁରେଶ ଚନ୍ଦ୍ର ବେହେରା | ବି.ଡି.ଓ | ୮୨୪୯୭୯୬୮୮୫ | ୮୨୪୯୭୯୬୮୮୫ |
| ୭ | ଅମିତ କୁମାର ମଲ୍ଲିକ | ବି.ଏ.ଓ | ୯୯୩୮୩୧୩୧୯୬ | ୯୯୩୮୩୧୩୧୯୬ |
| ୮ | ଶୁଶାନ୍ତ କୁମାର ମୁଦୁଲି | ପି.ଇ.ଓ | ୯୪୩୭୭୪୮୯୯୩ | ୯୪୩୭୭୪୮୯୯୩ |
| ୯ | ସସ୍ମିତା ମହାନ୍ତି | ସି.ଡି.ପି.ଓ | ୭୭୩୫୪୩୨୭୩୮ | ୭୭୩୫୪୩୨୭୩୮ |
| ୧୦ | ଶଶାଙ୍କ ଶେଖର ନାୟକ | ଜି.ପି.ଇ.ଓ | ୮୬୫୮୧୨୦୫୭୧ | ୮୬୫୮୧୨୦୫୭୧ |
| ୧୧ | ଜୟ ପ୍ରକାଶ ମିଶ୍ର | ଏ.ଇ.ଇ, ଆର.ଡବ୍ଲୁ.ଏସ.ଏସ | ୯୭୭୭୨୫୪୧୬୫ | ୯୭୭୭୨୫୪୧୬୫ |
| ୧୨ | ରାଜେଶ ଶବର | ଏମ.ଆଇ | ୭୦୦୮୭୫୦୦୮୩ | ୭୦୦୮୭୫୦୦୮୩ |
| ୧୩ | ଏସ.ଏନ. ତ୍ରିପାଠୀ | ଭି.ଏ.ଡବ୍ଲୁ | ୦୬୮୫୮-୨୩୨୯୭୨୦ | ୦୬୮୫୮-୨୩୨୯୭୨୦ |
| ୧୪ | ସୁରେଶ ଚନ୍ଦ୍ର ବେହେରା | ଏଲ.ଆଇ | ୮୨୪୯୭୯୬୮୮୫ | ୮୨୪୯୭୯୬୮୮୫ |
| ୧୫ | ରଞ୍ଜନା ସାଗରିଆ | ଅଙ୍ଗନବାଡି କର୍ମୀ | 6372785451 | 6372785451 |
| ୧୬ | ଜାମ୍ବବତୀ ଗୌଡ଼ | ଆଶା | 8280422356 | 8280422356 |
| ୧୭ | ତିଳତ୍ତମା ସ୍ୱାଇଁ | ଏମ.ପି.ଏଚ.ଡବ୍ଲୁ | 9348542205 | 9348542205 |
| ୧୮ | | ସବ ଇନ୍ସପେକ୍ଟର | | |
| ୧୯ | | ଅନ୍ୟାନ୍ୟ | | |

## ୮.୨ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ବିବରଣୀ (ଯାନବାହାନ/ଡଙ୍ଗା ମାଲିକ/ଟେଣ୍ଟ ହାଉସ)

| କ୍ର.ସଂ | ନାମ | ପଦବୀ | କାର୍ଯ୍ୟାଳୟ | ଯୋଗାଯୋଗ ନଂ |
|---|---|---|---|---|
| ୧ | ଶିବ ଅମନତ୍ୟ | ଗ୍ରାମବାସୀ | ଗ୍ରାମ ପଞ୍ଚାୟତ | ୯୩୪୮୪୩୪୫୧୭ |
| ୨ | ଭଗବାନ ଅମନତ୍ୟ | ଗ୍ରାମବାସୀ | ଗ୍ରାମ ପଞ୍ଚାୟତ | ୯୬୯୨୭୨୬୪୦୫ |

## ୮.୩ . ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନାର ସଂଲଗ୍ନକ

| | |
|---|---|
| ସଂଲଗ୍ନ-୧ | ସାମାଜିକ ମାନଚିତ୍ର |
| ସଂଲଗ୍ନ-୨ | ସମ୍ବଳ ମାନଚିତ୍ର |
| ସଂଲଗ୍ନ-୩ | ବିପଦ ସଙ୍କୁଳତାର ମାନଚିତ୍ର |
| ସଂଲଗ୍ନ-୪ | ସ୍ଥାନାନ୍ତରଣ ପାଇଁ ନିରାପଦ ରାସ୍ତାର ମାନଚିତ୍ର |

ସାମାଜିକ ମାନଚିତ୍ର



ସମ୍ବଳ ମାନଚିତ୍ର



ବିପଦ ସଙ୍କୁଳତାର ମାନଚିତ୍ର



ସ୍ଥାନାନ୍ତରଣ ପାଇଁ ନିରାପଦ ରାସ୍ତାର ମାନଚିତ୍ର

